
# OSSTET- Mock Test, PYQS , Note, E-Books Get Now In App




## Tech Of World

# Download App

# Click Here

YouTube- Click Here

Telegram- Click Here

Facebook- Click Here

Download App- For Mock Test, Previous Year Questions, E-books, Notes (PDF) Click Here

No. of Printed Pages : 80

No. of Questions : 150

# OSSTET 2018

## PAPER – I

Question Booklet No. 38406

**SET : B**

Time : 2 Hours 30 Minutes

Full Marks : 150

Roll No. (in figures) : ______________________

(in words) : ______________________

Date of Exam. : ______________________

Centre Name : ______________________

Centre Code : ______________________

Techofworld.In

**PLEASE READ THE INSTRUCTIONS PRINTED ON THE BACK OF THIS BOOKLET**

The candidates are required to answer all the Sections in the OMR Answer Sheets.

This Booklet is to be taken away by the candidates after examination is over and handed over the OMR Sheet to the invigilator(s) concerned.

SEAL

**THIS BOOKLET CONTAINS FOUR SECTIONS (SECTION – I TO IV)**

| Section | Subject | No. of Questions | Full Marks |
|---|---|---|---|
| A : Section – I | Odia(Compulsory for all streams) | 1 – 20 = 20 | 20 |
| A : Section – II | English(Compulsory for all streams) | 21 – 40 = 20 | 20 |
| B : Section – III | Optional (any one group / subject to be chosen)<br>**Arts :** Odia + English + History & Political Science + Geography & Economics | 41 – 100 = 60 | 60 |
| | **Science(PCM) :** Physics + Chemistry + Mathematics | 41 – 100 = 60 | 60 |
| | **Science(CBZ) :** Chemistry + Botany + Zoology | 41 – 100 = 60 | 60 |
| | Classical Sanskrit | 41 – 100 = 60 | 60 |
| | Classical Urdu | 41 – 100 = 60 | 60 |
| | Classical Telugu | 41 – 100 = 60 | 60 |
| | Hindi | 41 – 100 = 60 | 60 |
| C : Section – IV | **Compulsory for all streams**<br>Child Development, Pedagogy, School Management & Evaluation | 101 – 150 = 50 | 50 |

## A – SECTION – I
## ODIA (COMPULSORY)

1. ''କଳୁଷ-ପଙ୍କେ ମୁହିଁ କେତେ ମଳିନ

କେମନ୍ତେ ସରି ତୋର ହେବି ନଳିନ ।'' —

ଉଦ୍ଧୃତାଂଶଟିରେ କେଉଁ ଅଳଙ୍କାର ପ୍ରଯୁକ୍ତ ?

(A) ଶ୍ଳେଷ

(B) ରୂପକ

(C) ଉପମା

(D) ଉତ୍ପ୍ରେକ୍ଷା

2. 'ଅତିଥି ଖାଇଲେ ।' — ରେଖାଙ୍କିତ ପଦଟି କେଉଁ ପ୍ରକାର କ୍ରିୟାପଦ ?

(A) ମିଶ୍ର

(B) ଅମିଶ୍ର

(C) ଅକର୍ମକ

(D) ଅସମାପିକା

Techofworld.In

3. 'ମହାବାତ୍ୟାରେ ଓଡ଼ିଶାର ବହୁ ଧନଜୀବନ ନଷ୍ଟ ହେଲା' — ଏହା କି ପ୍ରକାର ବାକ୍ୟ ?

(A) ସରଳ

(B) ଯୌଗିକ

(C) ଜଟିଳ

(D) ମିଶ୍ର

4. ନିମ୍ନ ପ୍ରଦତ୍ତ କେଉଁ ଶବ୍ଦଟି 'ଷତ୍ୱ' ବିଧି ନିୟମର ବ୍ୟତିକ୍ରମ ?

(A) ପୁରୁଷ

(B) ପ୍ରସାଦ

(C) ଔଷଧ

(D) ବିସୂଚିକା

5. ନିମ୍ନ ପ୍ରଦତ୍ତ ବାକ୍ୟଗୁଡ଼ିକ ମଧ୍ୟରୁ ଶୁଦ୍ଧ ବାକ୍ୟଟିକୁ ଚିହ୍ନାଅ :

(A) ରଥଯାତ୍ରା ଦେଖିବାକୁ ବହୁତ ଯାତ୍ରୀମାନେ ପୁରୀ ଆସିଥିଲେ ।

(B) ସେ ସପରିବାର ସହିତ ବିବାହ ଉତ୍ସବରେ ଯୋଗ ଦେଇଥିଲେ ।

(C) ଶିକ୍ଷକ ସଂକ୍ଷେପରେ ଉତ୍ତର ଦେବାକୁ ନିର୍ଦ୍ଦେଶ ଦେଲେ ।

(D) ମୂଷା ଗଣେଷଙ୍କ ବାହାନ ଅଟେ ।

Techofworld.In

6. ଶୁଦ୍ଧ ଶବ୍ଦଟି ବାଛ :

(A) ପରିସ୍କାର

(B) ସୁଷମା

(C) ପୌରହିତ୍ୟ

(D) ଅମୀୟ

7. ଶ୍ୱେତାଙ୍ଗ ଚଢ଼େଇ ଗୁହା ସମୁଦ୍‌ଗତ,

ନୀରଭେଦି କିବା ଉଠେ ଐରାବତ । — ଏଠାରେ

କେଉଁ ଅଳଙ୍କାର ପ୍ରଯୁକ୍ତ ?

(A) ଯମକ

(B) ଉପମା

(C) ରୂପକ

(D) ଉତ୍ପ୍ରେକ୍ଷା

8. 'କୁହୁଡ଼ି ପହଁରିବା' — ରୂଢ଼ିଟିର ଅର୍ଥ କ'ଣ ?

(A) କାତର ହେବା

(B) କଷ୍ଟସାଧ୍ୟ

(C) ଅସମ୍ଭବ ସମ୍ଭବ ହେବା

(D) ବୃଥା ପରିଶ୍ରମ

9. 'ଉପବନ' — ଏହା କେଉଁ ସମାସର ଅନ୍ତର୍ଗତ ?

(A) ଦ୍ୱନ୍ଦ୍ୱ

(B) ବହୁବ୍ରୀହି

(C) ତତ୍‌ପୁରୁଷ

(D) ଅବ୍ୟୟୀଭାବ

10. କେଉଁ ରୂଢ଼ିଟି 'ପ୍ରତିଶୋଧ ନେବା' ଅର୍ଥରେ ପ୍ରଚଳିତ ?

(A) ରକ୍ତ ଚାଉଳ ଚୋବାଇବା

(B) ଅକସ ରଖିବା

(C) ଖାଲରେ ପକାଇବା

(D) ଦାଉ ସାଧିବା

11. 'ଶିଷ୍ୟ' ଶବ୍ଦଟି କେଉଁ ପ୍ରତ୍ୟୟ ଯୋଗରେ ଗଠିତ ?

(A) ଅ

(B) ଇ

(C) ଇୟ

(D) ୟ

12. 'ଅନୁରୂପ' — କେଉଁ ସମାସର ଅନ୍ତର୍ଗତ ?

(A) ଦ୍ୱିଗୁ

(B) ଅବ୍ୟୟୀଭାବ

(C) କର୍ମଧାରୟ

(D) ବହୁବ୍ରୀହି

Techofworld.In



13. କେଉଁଟି ତଦ୍ଧିତ ପଦ ?

(A) ଗାୟକ

(B) କୌଶଳ

(C) ଭୂଷଣ

(D) ଉଠାଣି

14. ସଂପଦ କାଳେ ସର୍ବେ ସଖା, ବିପଦେ ନ ଦିଅନ୍ତି ଦେଖା । — ରେଖାଙ୍କିତ ପଦଟିରେ କେଉଁ ବିଭକ୍ତି ଯୁକ୍ତ ହୋଇଅଛି ?

(A) ତୃତୀୟା

(B) ଚତୁର୍ଥୀ

(C) ଷଷ୍ଠୀ

(D) ସପ୍ତମୀ

15. 'ଆହେ ଦୟାମୟ ବିଶ୍ୱବିହାରୀ !' — ରେଖାଙ୍କିତ ପଦଟି କେଉଁ ପ୍ରକାର ଅବ୍ୟୟ ?

(A) ପ୍ରଶ୍ନସୂଚକ

(B) ହେତୁବୋଧକ

(C) ସମ୍ବୋଧନସୂଚକ

(D) ଭାବବାଚକ

**ଅନୁଚ୍ଛେଦଟି ପାଠକରି ପ୍ରଶ୍ନ (ନଂ. ୧୬ ରୁ ୨୦ ପର୍ଯ୍ୟନ୍ତ) ଗୁଡ଼ିକର ଉତ୍ତର ବାଛ :**

ଫକୀର ମୋହନ ଓଡ଼ିଆ ଜାତିର ପରମ ନମସ୍ୟ । ଅଷ୍ଟାଦଶ ଓ ଊନବିଂଶ ଏହି ଦୁଇ ଶତକର ଓଡ଼ିଆ ସମାଜ, ତା'ର ଅବହେଳିତ ଶୋଷିତ ସାଧାରଣ ଲୋକ ଜୀବନର, ତା'ର ଆଶା ଆକାଂକ୍ଷା, ଅଭାବ ଦୈନ୍ୟ, ବ୍ୟର୍ଥତା ଓ ନୈରାଶ୍ୟର ସେ ଜଣେ ଅନ୍ତରଙ୍ଗ ରୂପକାର । ପୁଣି ସେ ରୂପ ପ୍ରକାଶ ପାଇଛି ଯେଉଁ ଭାଷାରେ, ତାହା ଖାଣ୍ଟି ଓଡ଼ିଆ ଲୋକ ଜୀବନର ଭାଷା, ଓଡ଼ିଆ ଘରର ଅତି ପରିଚିତ ତୁଣ୍ଡର ଭାଷା । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଫକୀର ମୋହନଙ୍କର ଜୀବନ ଥିଲା ଝଡ଼ଝଞ୍ଜା ପୂର୍ଣ୍ଣ । ପ୍ରତିକୂଳ ପରିସ୍ଥିତିରେ ଏକାଧିକବାର ଜୀବନ ସଙ୍କଟରୁ ଅପ୍ରତ୍ୟାଶିତ ଭାବରେ ରକ୍ଷା ପାଇ, ଆତ୍ମୀୟ ଓ ଇତରଙ୍କଠାରୁ ବହୁବାର ତାଚ୍ଛଲ୍ୟ, ଅବହେଳା, ଈର୍ଷା ଓ ବିଶ୍ୱାସଘାତକତାର ଧକ୍କା ଖାଇ ସେ ମଣିଷ ଚରିତ୍ର ଓ ତା'ର ସମାଜ ସମ୍ପର୍କରେ ଚିତ୍ତରେ ସଞ୍ଚିତ କରିଥିଲେ ବହୁ ତିକ୍ତ-ମଧୁର ଅନୁଭୂତି । ସେ ଅନୁଭୂତିର ତୀବ୍ର ଆଲୋଡ଼ନ ଫଳରେ ସେ ଜଗତକୁ ଏକ ଅନାସକ୍ତ ଦୃଷ୍ଟିରେ ଦେଖିବାରେ ଅଭ୍ୟସ୍ତ ହୋଇଯାଇଥିଲେ । ସେ ସାଧାରଣ ସଂସାରୀ ଲୋକର ଛଳନା, ମିଥ୍ୟା ଦମ୍ଭ ଓ ଅହମିକା ପ୍ରତି କଟାକ୍ଷପାତ କରି ହାସ୍ୟ, ବ୍ୟଙ୍ଗ ଓ ବିଦ୍ରୂପର ସ୍ରୋତ ଛୁଟାଇଛନ୍ତି । ନିଜେ ଜୀବନରେ ଅଜସ୍ର ଯନ୍ତ୍ରଣା ସହିଥିବାରୁ ସମାଜର ଶୋଷିତ, ଲାଞ୍ଛିତ ଓ ଅବହେଳିତଙ୍କ ପ୍ରତି ତାଙ୍କ ଅନ୍ତରର ଦରଦ ଓ ସହାନୁଭୂତି ଥିଲା ଅସୀମ । ସାହିତ୍ୟ, ଜୀବନ ଓ ସମାଜ ଓତପ୍ରୋତ ଭାବରେ ଜଡ଼ିତ । ମଣିଷର ଆଶା, ଆକାଂକ୍ଷା, ସମାଜର ଦ୍ୱନ୍ଦ୍ୱ ବିକ୍ଷୁବ୍ଧ ପ୍ରାଣ ସ୍ପନ୍ଦନକୁ ବାଦ ଦେଇ ସାହିତ୍ୟ କେବେ ପ୍ରାଣବନ୍ତ ଓ ସମୃଦ୍ଧ ହୋଇନପାରେ । ଲେଖକର ସମାହିତ

ଦୃଷ୍ଟିବ୍ୟାଧି ପୀଡ଼ିତ ସମାଜର ସୁସ୍ଥତା ଓ ତା'ର ରୂପାନ୍ତର ଚାହିଁବା ସ୍ୱାଭାବିକ । ସେଥିପାଇଁ ଫକୀର ମୋହନ ଶୋଷିତ ଓ ଅବହେଳିତଙ୍କ ପାଇଁ ଚାହିଁଛନ୍ତି ସାମାଜିକ ନ୍ୟାୟ । ଉଚ୍ଚ ହେଉ, ନୀଚ ହେଉ, ଧନୀ ହେଉ, ଗରିବ ହେଉ — ମଣିଷ ପ୍ରତି ତାଙ୍କର ଶ୍ରଦ୍ଧା ଅସୀମ ।

16. ଫକୀର ମୋହନ ଓଡ଼ିଆ ଜାତିର ନମସ୍ୟ କାହିଁକି ?

(A) ସେ ପ୍ରସିଦ୍ଧ ଛ'ମାଣ ଆଠଗୁଣ୍ଠ ଉପନ୍ୟାସର ଲେଖକ ।

(B) ଓଡ଼ିଆ ଭାଷାରେ ଲୋକ ଜୀବନର ସେ ପ୍ରଥମ ସଫଳ ରୂପକାର ।

(C) ବିଗତ ଦୁଇ ଶତାବ୍ଦୀର ଚିତ୍ର ସେ ତାଙ୍କ ଲେଖାରେ ଦେଇଛନ୍ତି ।

(D) ସେ ଦେଶ ବିଦେଶର ସାହିତ୍ୟିକଙ୍କ ଦ୍ୱାରା ପ୍ରଶଂସିତ ହୋଇଛନ୍ତି ।

17. ଲେଖାରେ ସମାଜର ବାସ୍ତବ ଚିତ୍ର ଦେବାକୁ ଲେଖକଙ୍କର କେଉଁ ଗୁଣଥିବା ଆବଶ୍ୟକ ?

(A) ସେ ସମାଜର ଦୁଃଖୀ ଦୁର୍ବଳ ଲୋକଙ୍କ ଯଥାର୍ଥ ସେବକ ହୋଇଥିବେ ।

(B) ସେ ସମାଜର ସମସ୍ୟା ଓ ଲୋକ ଚରିତ୍ରର ପ୍ରତ୍ୟକ୍ଷ ସଂପର୍କରେ ଆସିଥିବେ ।

(C) ସେ ବ୍ୟଙ୍ଗ ବିଦ୍ରୂପ ଶୈଳୀରେ ଗଳ୍ପ ଉପନ୍ୟାସ ଲେଖୁଥିବେ ।

(D) ସେ ସମାଜ-ବିଜ୍ଞାନ ଶାସ୍ତ୍ର ଭଲଭାବରେ ଅଧ୍ୟୟନ କରିଥିବେ ।

18. କେଉଁ ଲେଖକ ହାସ୍ୟ ରସିକ ?

(A) ଯେଉଁ ଲେଖକ ହସିବାକୁ ଇଚ୍ଛା କରନ୍ତି ।

(B) ଯେଉଁ ଲେଖକ ରସିକ ।

(C) ବୀର, କରୁଣ ଆଦି ରସମାନଙ୍କ ମଧ୍ୟରୁ ଯେଉଁ ଲେଖକ ହାସ୍ୟରସକୁ ଭଲପାଆନ୍ତି ।

(D) ବର୍ଣ୍ଣନା ଚରିତ୍ର ଓ ଘଟଣା ଚିତ୍ରଣରେ ଯେଉଁ ଲେଖକ ହାସ୍ୟରସ ସୃଷ୍ଟି କରନ୍ତି ।

19. ଫକୀର ମୋହନଙ୍କୁ କେଉଁମାନେ ଈର୍ଷା କରୁଥିଲେ ?

(A) ଆତ୍ମୀୟ ଓ ଇତରଲୋକ

(B) ସାଧାରଣ ସଂସାରୀ ଲୋକ

(C) ବଙ୍ଗୀୟ ଔପନ୍ୟାସିକଗଣ

(D) ସରକାରୀ କର୍ମଚାରୀ

Techofworld.In

20. ସମାଜର କେଉଁମାନଙ୍କ ପ୍ରତି ଫକୀର ମୋହନଙ୍କର ବିଶେଷ ସହାନୁଭୂତି ଥିଲା ?

(A) ଇଂରେଜୀ ଶିକ୍ଷାପ୍ରତି ବିମୁଖ ହେଉଥିବା ବ୍ୟକ୍ତି ।

(B) ସାହିତ୍ୟଚର୍ଚ୍ଚା କରୁଥିବା ଶିକ୍ଷିତ ଗୋଷ୍ଠୀ ।

(C) ଅତ୍ୟାଚାର ବିରୋଧରେ ପ୍ରତିବାଦ କରୁଥିବା ବ୍ୟକ୍ତି ।

(D) ଶୋଷିତ ଓ ଅବହେଳିତ ଗୋଷ୍ଠୀ ।